# ପି.କେ. ଶାଜି @ ଅମ୍ମନାମ ଶାଜି

## ବନାମ

## କେରଳ ରାଜ୍ୟ

## ଅକ୍ଟୋବର 27, 2005

## [କେ.ଜି. ବାଲକ୍ରିଷ୍ଣନ ଏବଂ ବି.ଏନ୍. ଶ୍ରୀକ୍ରିଷ୍ଣା, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 :*

*ଧାରା 439 – ଦୌରା ନ୍ୟାୟାଳୟଙ୍କ ଦ୍ୱାରା ଜାମିନ ପ୍ରଦାନ - ମାଜିଷ୍ଟ୍ରେଟଙ୍କ ଦ୍ୱାରା ଖଣ୍ଡନ - ନିର୍ଣ୍ଣୟ କରାଗଲା, ଯେହେତୁ ଜାମିନ ପ୍ରଦାନ ଆଦେଶରେ ନିର୍ଦ୍ଦେଶ ପାଳନ କରିବାରେ ଅଭିଯୁକ୍ତଙ୍କ ବିଫଳତା ଉପରେ ଉପଯୁକ୍ତ ଆଦେଶ ଦେବା ମାଜିଷ୍ଟ୍ରେଟଙ୍କୁ କ୍ଷମତାପନ୍ନ କରାଯାଇଛି, ତେଣୁ ମାଜିଷ୍ଟ୍ରେଟଙ୍କ ଆଦେଶ ଆଇନଗତ ଏବଂ ବୈଧ ଅଟେ ।*

**ଆଇପିସି ଧାରା 120B ଏବଂ 307 ଅନୁଯାୟୀ ଆବେଦନକାରୀଙ୍କ ବିରୋଧରେ ପଞ୍ଜୀକୃତ ହୋଇଥିବା ଏକ ମାମଲାରେ, ଦୌରା ନ୍ୟାୟାଳୟଙ୍କ ଦ୍ୱାରା ତାଙ୍କୁ ଏହି ସର୍ତ୍ତରେ ଜାମିନ ପ୍ରଦାନ କରାଯାଇଥିଲା, ଯେ ସେ ନିର୍ଦ୍ଦିଷ୍ଟ ସମୟ ଏବଂ ଦିନରେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ପଚରାଉଚରା ପାଇଁ ନିଜକୁ ଉପଲବ୍ଧ କରାଇବେ, ଯେଉଁଥିରେ ବିଫଳ ହେଲେ ମାଜିଷ୍ଟ୍ରେଟ୍ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଯେପରି ସର୍ତ୍ତାବଳୀ ନିଜେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଲାଗୁ କରାଯାଇଥିଲା । ପରବର୍ତ୍ତୀ ସମୟରେ ତଦନ୍ତକାରୀ ଅଧିକାରୀ ମାଜିଷ୍ଟ୍ରେଟଙ୍କୁ ସୂଚନା ଦେଇଥିଲେ ଯେ ଅଭିଯୁକ୍ତ ସର୍ତ୍ତାବଳୀ ପାଳନ କରିନାହାନ୍ତି । ମାଜିଷ୍ଟ୍ରେଟ୍ ଅଭିଯୁକ୍ତକୁ ବିଜ୍ଞପ୍ତି ଜାରି କରିଥିଲେ ଏବଂ ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନହୋଇ ଜାମିନକୁ ରଦ୍ଦ କରିଦେଇଥିଲେ । ଅଭିଯୁକ୍ତଙ୍କ ପୁନରୀକ୍ଷଣକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ ।**

**ଅଭିଯୁକ୍ତଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ଏହା ଯୁକ୍ତି କରାଯାଇଥିଲା ଯେ ଯେହେତୁ ଜାମିନ ଦୌରା ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା, ଜାମିନକୁ ରଦ୍ଦ କରିବାର କ୍ଷମତା ମାଜିଷ୍ଟ୍ରେଟଙ୍କ ପାଖରେ ନୁହେଁ ବରଂ ସେହି ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ରହିଛି ।**

**ଏହି ଆବେଦନକୁ ଖାରଜ କରି, ନ୍ୟାୟଳୟ**

**ନିର୍ଣ୍ଣୟ କଲେ : ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 439 ଅନୁଯାୟୀ ଦୌରା ନ୍ୟାୟାଳୟଙ୍କ ଦ୍ୱାରା ଜାମିନ ମଞ୍ଜୁର କରାଯାଇଥିଲା । ଏହି ଆଦେଶରେ ଦର୍ଶାଯାଇଛି ଯେ ମାଜିଷ୍ଟ୍ରେଟଙ୍କୁ ଏହି ଆଦେଶରେ ପ୍ରଦତ୍ତ କୌଣସି ସର୍ତ୍ତର ଉଲ୍ଲଂଘନ ପ୍ରସଙ୍ଗରେ ବିଚାର କରିବାକୁ ଏବଂ ଉପଯୁକ୍ତ ଆଦେଶ ପାରିତ କରିବାକୁ କ୍ଷମତାପନ୍ନ କରାଯାଇଛି । ଉପରିସ୍ଥ ନ୍ୟାୟାଳୟ ସର୍ବଦା ଏହି ପ୍ରକାରର ନିର୍ଦ୍ଦେଶ ଦେଇପାରିବେ । ଯେତେବେଳେ ଉପଯୁକ୍ତ ଆଦେଶ ପାରିତ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଥାଏ ଯେପରିକି ଜାମିନ ମଞ୍ଜୁର ପାଇଁ ସର୍ତ୍ତାବଳୀ ମାଜିଷ୍ଟ୍ରେଟ୍ ନିଜେ ଲାଗୁ କରିଛନ୍ତି, ଆକ୍ଷେପିତ ଆଦେଶ ଆଇନଗତ ଏବଂ ବୈଧ ଅଟେ ।**

*ଗୁରଦେବ ସିଂ ଏବଂ ଅନ୍ୟଜଣେ ବନାମ ବିହାର ରାଜ୍ୟ ଏବଂ ଅନ୍ୟଜଣେ,* **(2000) 4 ଅପରାଧ 103 AIR (2000) SC 3556 ଉଲ୍ଲେଖ କରାଯାଇଛି ।**

# ପି.କେ. ଶାଜି @ ଅନ୍ୟନାମ ଶାଜି ବନାମ କେରଳ ରାଜ୍ୟ [ନ୍ୟାୟମୂର୍ତ୍ତି, ବାଲକ୍ରିଷ୍ଣନ]

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 1476/2005 ।

ଫୌଜଦାରୀ ଆବେଦନ ସଂଖ୍ୟା 210/2003 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ତା 26.2.2003 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ମେସର୍ସ ଲୟର୍ସ ନିଟ୍ ଆଣ୍ଡ କୋ. ପାଇଁ ହରିସ୍ ବୀରନ୍ ।

ଉତ୍ତରଦାତାଙ୍କ ପାଇଁ ରମେଶ ବାବୁ ଏମ୍.ଆର୍. ।

ନ୍ୟାୟମୂର୍ତ୍ତି, କେ.ଜି. ବାଲକ୍ରିଷ୍ଣନଙ୍କ ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀ କେରଳ ଉଚ୍ଚ ନ୍ୟାୟାଳୟର ଜଣେ ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରିଛନ୍ତି । ଆବେଦନକାରୀ ଧାରା 120B ଏବଂ 307 IPC ଅନୁଯାୟୀ ଅପରାଧ ପାଇଁ ଥ୍ରିକ୍କାକାରା ପୋଲିସ ଷ୍ଟେସନ ଦ୍ୱାରା ପଞ୍ଜିକୃତ ଏକ ମାମଲାରେ ଜଡିତ ଥିଲେ । ଦୌରା ନ୍ୟାୟାଳୟ ତାଙ୍କୁ କେତେକ ସର୍ତ୍ତରେ ଜାମିନ ପ୍ରଦାନ କରିଥିଲେ, ଯେଉଁଥିରୁ ଗୋଟିଏ ଥିଲା ଯେ ସେ ଦୁଇଟି ପରିଶୋଧକ୍ଷମ ପ୍ରତିଭୂ ସହିତ 50, 000/- ଟଙ୍କାର ବଣ୍ଡ ନିଷ୍ପାଦନ କରିବେ । ସମସ୍ତ ସୋମବାର ଏବଂ ଶୁକ୍ରବାର ଦିନ ସକାଳ 10ଟାରୁ ମଧ୍ୟାହ୍ନ 12 ଟା ମଧ୍ୟରେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ପଚରାଉଚରା ପାଇଁ ନିଜକୁ ଉପଲବ୍ଧ କରାଇବାକୁ ମଧ୍ୟ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ଆହୁରି ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏହି ଉଦ୍ଦେଶ୍ୟ ଛଡ଼ା ସେ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ପୂର୍ବ ଅନୁମତି ବିନା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏର୍ଣ୍ଣାକୁଲମର ସେସନ୍ ଡିଭିଜନରେ ପ୍ରବେଶ କରିବେ ନାହିଁ । ଶେଷରେ, ଦୌରା ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ତଦନ୍ତକାରୀ ଅଧିକାରୀ ନିୟମନିଷ୍ଠ ଭାବରେ ନିଶ୍ଚିତ କରିବେ ଯେ ଆବେଦନକାରୀ ସେଥିରେ ପ୍ରଦତ୍ତ ସମସ୍ତ ସର୍ତ୍ତ ପାଳନ କରିଛନ୍ତି ଏବଂ କୌଣସି ସର୍ତ୍ତ ଭଙ୍ଗ କ୍ଷେତ୍ରରେ ମାଜିଷ୍ଟ୍ରେଟଙ୍କୁ ରିପୋର୍ଟ କରିବେ ଏବଂ ମାଜିଷ୍ଟ୍ରେଟ୍ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଯେପରି ସର୍ତ୍ତଗୁଡିକ ମାଜିଷ୍ଟ୍ରେଟ ନିଜେ ଲାଗୁ କରିଛନ୍ତି ।

ଜାମିନ ଆଦେଶ ପାରିତ ହେବା ପରେ, ଆବେଦନକାରୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଜାମିନ ବଣ୍ଡ ଦାଖଲ କରିଥିଲେ ଏବଂ ଜାମିନରେ ମୁକ୍ତ ହୋଇଥିଲେ । ତଦନ୍ତକାରୀ ଅଧିକାରୀ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଏକ ରିପୋର୍ଟ ଦାଖଲ କରି ଅଭିଯୋଗ କରିଥିଲେ ଯେ ଆବେଦନକାରୀ ଏଠାରେ ସର୍ତ୍ତାବଳୀ ପାଳନ କରିନଥିଲେ କାରଣ ସେ ସମସ୍ତ ସୋମବାର ଏବଂ ଶୁକ୍ରବାର ଦିନ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥିତ ହେବାରେ ବିଫଳ ହୋଇଥିଲେ । ଏହି ରିପୋର୍ଟ ଆଧାରରେ ବିଦ୍ୱାନ ମାଜିଷ୍ଟ୍ରେଟ ଏକ ବିଜ୍ଞପ୍ତି ଜାରି କରିଥିଲେ ଏବଂ ବିଦ୍ୱାନ ଓକିଲ ଉପସ୍ଥିତ ହୋଇ କହିଥିଲେ ଯେ, ଆବେଦନକାରୀ ପୋଲିସ ଦ୍ୱାରା ଆଘାତର ଆଶଙ୍କା କରିଥିଲେ ଏବଂ ସେଥିପାଇଁ ସେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହୋଇନଥିଲେ । ବିଦ୍ୱାନ ମାଜିଷ୍ଟ୍ରେଟ୍ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଦିଆଯାଇଥିବା ସ୍ପଷ୍ଟୀକରଣରେ ସନ୍ତୁଷ୍ଟ ହୋଇନଥିଲେ ଏବଂ ସେ ଆବେଦନକାରୀଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରିଦେଇଥିଲେ । ଏଥିରେ କ୍ଷୁବ୍ଧ ହୋଇ, ଆବେଦନକାରୀ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏକ ପୁନରୀକ୍ଷଣ ଆବେଦନ କରିବାକୁ ପସନ୍ଦ କରିଥିଲେ ଏବଂ ଏହାକୁ ଆକ୍ଷେପିତ ଆଦେଶ ଦ୍ୱାରା ଖାରଜ କରାଯାଇଥିଲା ।

ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ ଯେଉଁ କ୍ଷେତ୍ରରେ ସି.ଆର୍.ପି.ସି. ର ଧାରା 436 ଅନୁଯାୟୀ ଜାମିନ ଯୋଗ୍ୟ ଅପରାଧରେ ନ୍ୟାୟାଳୟଙ୍କ ଦ୍ୱାରା ଜାମିନ ପ୍ରଦାନ କରାଯାଏ, ସେହି କ୍ଷେତ୍ରରେ ଯଦି ଉପସ୍ଥିତିର ସମୟ ଏବଂ ସ୍ଥାନ ସମ୍ବନ୍ଧରେ ଜାମିନ ବଣ୍ଡର ସର୍ତ୍ତାବଳୀ ପାଳନ କରାଯାଏ ନାହିଁ, ତେବେ ସେହି ନ୍ୟାୟାଳୟକୁ ଜାମିନ ରଦ୍ଦ କରିବାର କ୍ଷମତା ଦିଆଯାଇଛି; ସେହିପରି ଯେତେବେଳେ ଧାରା 437 Cr.P.C. ଅନୁଯାୟୀ ଅଣ-ଜାମିନଯୋଗ୍ୟ ଅପରାଧ ପାଇଁ ଉଚ୍ଚ ନ୍ୟାୟାଳୟ କିମ୍ବା ଦୌରା ନ୍ୟାୟାଳୟ ବ୍ୟତୀତ ଅନ୍ୟ କୌଣସି ନ୍ୟାୟାଳୟଙ୍କ ଦ୍ୱାରା ଜାମିନ ପ୍ରଦାନ କରାଯାଏ, ଧାରା 437 Cr.P.C.ର ଉପ-ଧାରା 5 ଅନୁଯାୟୀ, ନ୍ୟାୟାଳୟକୁ ଜାମିନ ରଦ୍ଦ କରିବାର ଏବଂ ଜାମିନରେ ମୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ଗିରଫ କରିବା ଏବଂ ହେପାଜତକୁ ନେବା ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା ଦିଆଯାଇଥାଏ ।

ବର୍ତ୍ତମାନର ମାମଲାରେ, ଦୌରା ନ୍ୟାୟାଳୟ ଧାରା 439 Cr.P.C. ଧାରା 439 Cr.P.C. ର ଉପ-ଧାରା 2 ଅନୁଯାୟୀ ଜାମିନ ପ୍ରଦାନ କରିଛନ୍ତି, ଯେଉଁଥିରେ ନିର୍ଦ୍ଦିଷ୍ଟ ଭାବରେ କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟ କିମ୍ବା ଦୌରା ନ୍ୟାୟାଳୟ ନିର୍ଦ୍ଦେଶ ଦେଇପାରନ୍ତି ଯେ ଜାମିନ ମୁକ୍ତ ହୋଇଥିବା ଯେକୌଣସି ବ୍ୟକ୍ତିଙ୍କୁ ଗିରଫ କରାଯିବ ଏବଂ ହେପାଜତକୁ ପଠାଯିବ । ଧାରା 439 Cr.P.C ର ଉପ-ଧାରା 2 ଅନୁଯାୟୀ ଉଚ୍ଚ ନ୍ୟାୟାଳୟ କିମ୍ବା ଦୌରା ନ୍ୟାୟାଳୟଙ୍କ କ୍ଷମତା ବହୁତ ବ୍ୟାପକ ଏବଂ ଏଥିରେ ନିର୍ଦ୍ଦିଷ୍ଟ ଭାବରେ କୁହାଯାଇଛି ଯେ ଦୌରା ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟ ଦଣ୍ଡ ପ୍ରକ୍ରିୟା ସଂହିତାର ଅଧ୍ୟାୟ 33 ଅନୁଯାୟୀ କୌଣସି ଅଧସ୍ତନ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜାମିନକୁ ରଦ୍ଦ କରିବାର କ୍ଷମତା ପାଇଛନ୍ତି ।

ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଯୁକ୍ତି ହେଉଛି ଯେ ଯଦି ଦୌରା ନ୍ୟାୟାଳୟ ଜାମିନ ପ୍ରଦାନ କରିଥାନ୍ତେ, ତେବେ ଜାମିନ ରଦ୍ଦ କରିବାର ଆଦେଶ ମଧ୍ୟ ଦୌରା ନ୍ୟାୟାଳୟ କିମ୍ବା କୌଣସି ଉପରିସ୍ଥ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହେବା ଉଚିତ୍ ଥିଲା ଏବଂ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ନୁହେଁ ଯିଏ ଏହାକୁ ବାତିଲ କରିବାକୁ କ୍ଷମତାପ୍ରାପ୍ତ ନୁହଁନ୍ତି । ଏକ ସାଧାରଣ ପ୍ରସ୍ତାବ ଭାବରେ, ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ଯୁକ୍ତି ସଠିକ ଅଟେ । ଏହା ମଧ୍ୟ ସମାନ ଭାବେ ସତ୍ୟ ଯେ ଜାମିନରେ ଥିବା ଅଭିଯୁକ୍ତର ଶୁଣାଣି ନ୍ୟାୟାଳୟଙ୍କ ଦ୍ୱାରା ଜାମିନ ରଦ୍ଦ କରିବାର ଆଦେଶ ପାରିତ ହେବା ପୂର୍ବରୁ ହେବା ଉଚିତ । *ଗୁରଦେବ ସିଂ ଏବଂ ଅନ୍ୟଜଣେ ବନାମ ବିହାର ରାଜ୍ୟ ଏବଂ ଅନ୍ୟଜଣେ,* (2000) 4 ଅପରାଧ 103 AIR (2000) SC 3556 ମାମଲାରେ ଏହି ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି ଯେ ଅଭିଯୁକ୍ତକୁ ସୂଚୀତ କରାଯିବା ଆବଶ୍ୟକ ଏବଂ ତାଙ୍କୁ ଦିଆଯାଇଥିବା ଜାମିନ ରଦ୍ଦ ହେବା ପୂର୍ବରୁ ଶୁଣାଣିର ସୁଯୋଗ ଦିଆଯିବା ଆବଶ୍ୟକ ।

ବର୍ତ୍ତମାନର ମାମଲାରେ, ଜାମିନ ଆଦେଶରେ କୁହାଯାଇଥିବା ଶେଷ ସର୍ତ୍ତଟି ନିମ୍ନଲିଖିତ ପ୍ରଭାବ ପାଇଁ ଥିଲା : -

> "ତଦନ୍ତକାରୀ ଅଧିକାରୀ ନିୟମନିଷ୍ଠ ଭାବରେ ସୁନିଶ୍ଚିତ କରିବେ ଯେ ଆବେଦନକାରୀ ଏଥିରେ ପ୍ରଦତ୍ତ ସମସ୍ତ ସର୍ତ୍ତାବଳୀକୁ ପାଳନ କରୁଛନ୍ତି ଏବଂ ଯଦି କୌଣସି ସର୍ତ୍ତ ଭଙ୍ଗ ହୋଇଥାଏ, ତାହା ତୁରନ୍ତ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ନିକଟରେ ରିପୋର୍ଟ କରିବେ, ଯିଏ ଏପରି ରିପୋର୍ଟ ପାଇବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଯେପରି ସର୍ତ୍ତ ଲାଗୁ କରାଯାଇଛି ଏବଂ ଆବେଦନକାରୀ ନିଜେ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଜାମିନ ମୁକ୍ତ ହୋଇଛନ୍ତି ।

# ପି.କେ. ଶାଜି @ ଅନ୍ଯନାମ ଶାଜି ବନାମ କେରଳ ରାଜ୍ୟ [ନ୍ୟାୟମୂର୍ତ୍ତି, ବାଲକ୍ରିଷ୍ଣନ]

ଦୌରା ନ୍ୟାୟାଳୟଙ୍କ ଆଦେଶ ଦର୍ଶାଉଛି ଯେ ଦୌରା ନ୍ୟାୟାଳୟ ଦ୍ୱାରା ଲାଗୁ ହୋଇଥିବା ଯେକୌଣସି ସର୍ତ୍ତର ଉଲ୍ଲଂଘନର ପ୍ରଶ୍ନ ଉପରେ ବିଚାର କରିବାକୁ ବିଦ୍ୱାନ ମାଜିଷ୍ଟ୍ରେଟଙ୍କୁ କ୍ଷମତାପନ୍ନ କରାଯାଇଛି ଏବଂ ଉପଯୁକ୍ତ ଆଦେଶ ପାରିତ କରିବାକୁ କ୍ଷମତା ପ୍ରଦାନ କରାଯାଇଛି । ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଉପସ୍ଥାପିତ ଯୁକ୍ତି ହେଉଛି ଯେ ଯେତେବେଳେ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ପାଖରେ ଏପରି କୌଣସି କ୍ଷମତା ନାହିଁ, ସେତେବେଳେ ଦୌରା ନ୍ୟାୟାଳୟଙ୍କ ମାଜିଷ୍ଟ୍ରେଟଙ୍କୁ ସେହି କ୍ଷମତା ପ୍ରଦାନ କରିବାକୁ କ୍ଷମତା ନଥିଲା । ଆମେ ଏହି ଯୁକ୍ତିର କୌଣସି ପ୍ରଭାବ ଦେଖୁନାହୁଁ । ଉପରିସ୍ଥ ନ୍ୟାୟାଳୟ ସର୍ବଦା ଏହି ପ୍ରକାରର ନିର୍ଦ୍ଦେଶ ଦେଇପାରିବେ ଏବଂ ଅଧସ୍ତନ ନ୍ୟାୟାଳୟକୁ ଉପଯୁକ୍ତ ଆଦେଶ ପାରିତ କରିବା ପାଇଁ କ୍ଷମତା ପ୍ରଦାନ କରିପାରିବେ ଏବଂ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ହିଁ ନିଷ୍ପତ୍ତି ନେଇପାରିବେ ଯେ ଜାମିନରେ ମୁକ୍ତ ହୋଇଥିବା ବ୍ୟକ୍ତି କୌଣସି ସର୍ତ୍ତର ଉଲ୍ଲଂଘନ କରିଛନ୍ତି କି ନାହିଁ । ଯେତେବେଳେ ଉପଯୁକ୍ତ ଆଦେଶ ପାରିତ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଥାଏ, ଯେପରିକି ଜାମିନ ପ୍ରଦାନର ସର୍ତ୍ତାବଳୀ ନିଜେ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଲାଗୁ କରାଯାଇଛି, ସେତେବେଳେ ଆକ୍ଷେପିତ ଆଦେଶ ଆଇନଗତ ଏବଂ ବୈଧ ହୋଇଥାଏ ।

ଆବେଦନକାରୀଙ୍କ ପକ୍ଷରୁ ବିଦ୍ୱାନ ଓକିଲଙ୍କ ଯୁକ୍ତି ଯେ, ଆବେଦନକାରୀ ଅନ୍ୟ ଏକ ମାମଲାରେ ଜେଲରେ ଥିଲେ ଏବଂ ସେଥିପାଇଁ ସେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥିତ ହୋଇପାରିଲେ ନାହିଁ, ତାହା ସତ୍ୟ ମନେ ହେଉନାହିଁ କାରଣ ଏପରି ଏକ ଆବେଦନ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉଠାଯାଇ ନଥିଲା । ଆବେଦନକାରୀଙ୍କ ବିଦ୍ୱାନ ଓକିଲ ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କେବଳ ଏତିକି ଯୁକ୍ତି କରିଥିଲେ ଯେ ସେ ପୋଲିସ ହାତରେ ଆଘାତର ଆଶଙ୍କା କରିଥିଲେ ଏବଂ ତେଣୁ ସେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ନିଜକୁ ଉପଲବ୍ଧ କରାଇନଥିଲେ । ବିଦ୍ୱାନ ମାଜିଷ୍ଟ୍ରେଟ୍ ଏହି ଆଳକୁ ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । ବିଦ୍ୱାନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ପାରିତ ଆଦେଶ ସଠିକ୍ ଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ପୁନରୀକ୍ଷଣ ଆବେଦନକୁ ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଆମେ ଏହି ଆକ୍ଷେପିତ ରାୟରେ ହସ୍ତକ୍ଷେପ କରିବାର କୌଣସି କାରଣ ଦେଖୁନାହୁଁ ଏବଂ ସେହି ଅନୁଯାୟୀ ଆବେଦନକୁ ଖାରଜ କରିଦିଆଯାଇଛି ।

ଆର୍.ପି. ଆବେଦନ ଖାରଜ ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>*ଭାଷାନ୍ତର :*</u>

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।